# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**24 June – 2025**

## ରାଜ୍ୟପାଳ–ସାଇବର ସୁରକ୍ଷା

ଦେଶରେ ସାଇବର ଅପରାଧ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ସୁରକ୍ଷା ପାଇଁ ବ୍ୟାପକ ଜନସଚେତନତା ସୃଷ୍ଟି ଉପରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି । ରାଜଭବନ ନିଉ ଅଭିଷେକ ହଲ୍‌ରେ ସାଇବର ସୁରକ୍ଷା ସଂପର୍କିତ ସଚେତନତା ଅଭିଯାନରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଛନ୍ତି ଡିଜିଟାଲ ପ୍ରଯୁକ୍ତିବିଦ୍ୟା ବିକଶିତ ହେବା ଏବଂ ଇଣ୍ଟରନେଟ୍ ଉପରେ ନିର୍ଭରଶୀଳତା ବୃଦ୍ଧି ପାଇବା ଯୋଗୁଁ ସାଇବର ଅପରାଧ ବୃଦ୍ଧି ପାଉଛି । ତେବେ ସାଇବର ଅପରାଧକୁ ରୋକିବା ପାଇଁ ଶିକ୍ଷା ଓ ସଚେତନତା ଜରୁରୀ ହୋଇପଡ଼ିଛି । କାର୍ଯ୍ୟକ୍ରମରେ କ୍ରାଇମ୍‌ବ୍ରାଞ୍ଚ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ସାଇବର ଅପରାଧ ଏବଂ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

## ରାଜ୍ୟପାଳ

ରାଜ୍ୟରେ ସାମାଜିକ ନିରାପତ୍ତା ଯୋଜନାରେ ଅଧିକ ଲୋକଙ୍କୁ ସାମିଲ କରିବା ଲାଗି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି । ଗତକାଲି ଭୁବନେଶ୍ୱର ରାଜଭବନର ନିଉ ଅଭିଷେକ ହଲ୍‌ଠାରେ ଆୟୋଜିତ ସଚେତନତା ଅଭିଯାନରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ’ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଜୀବନ ଜ୍ୟୋତି ବିମା

ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା ଓ ଅଟଳ ପେନ୍‌ସନ୍ ଯୋଜନା ହିତାଧିକାରୀମାନଙ୍କ କଲ୍ୟାଣ ସାଧନ କରିପାରିବ ବୋଲି କହିଛନ୍ତି । ସଚେତନତା ଅଭିଯାନରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ବିଭିନ୍ନ ଅନୁଷ୍ଠାନକୁ ସାମିଲ କରିବା ଲାଗି ବରିଷ୍ଠ ଅଧିକାରୀମାନଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀ-ଶ୍ୟାମାପ୍ରସାଦ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଯୁବବର୍ଗଙ୍କୁ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୀବନ ଓ ଆଦର୍ଶକୁ ଅନୁସରଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱର ଜୟଦେବ ଭବନଠାରେ ଡକ୍ଟର ମୁଖାର୍ଜୀଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଭାବନା ଦେଶ ପାଇଁ ଦିଗ୍‌ଦର୍ଶନ ଦେବା ସହ ନୂଆ ଓଡ଼ିଶା ଗଠନରେ ତାଙ୍କ ନୀତି ଓ ଦୃଷ୍ଟିକୋଣ ସଠିକ୍ ମାର୍ଗ ଦେଉଛି ବୋଲି କହିଛନ୍ତି ।

## ଉପମୁଖ୍ୟମନ୍ତ୍ରୀ-ନିମାପଡ଼ା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୁରୀ ଜିଲ୍ଲା ନିମାପଡ଼ା ଗସ୍ତ କରି ୩ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପ୍ରକଳ୍ପଗୁଡ଼ିକ ମଧ୍ୟରେ ବଳଙ୍ଗାଠାରୁ ଗୋପୀନାଥପୁର, ବନମାଳୀପୁରରୁ ବଳଙ୍ଗା ଓ

ଏକମକଣାଠାରୁ ରେଙ୍ଗାଲୋ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତିକରଣ କାର୍ଯ୍ୟ ରହିଛି ।

---

## ସ୍ୱାସ୍ଥ୍ୟସେବା

ଆଗାମୀ ପୁରୀ ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟ ଓ ଚିକିତ୍ସା ବ୍ୟବସ୍ଥାକୁ ବ୍ୟାପକ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ଏଥିଲାଗି ଚଳିତବର୍ଷ ସ୍ଥାନୀୟ ହସ୍ପିଟାଲ ଗୁଡ଼ିକରେ ୨୬୫ଟି ଅତିରିକ୍ତ ଶଯ୍ୟାର ବ୍ୟବସ୍ଥା କରାଯାଇଛି । ସେହିଭଳି ୧୦୮ ଆମ୍ବୁଲାନ୍ସ ସେବା, ବ୍ଲଡ ବ୍ୟାଙ୍କରେ ରକ୍ତ ସଂରକ୍ଷିତ ରଖିବା ଏବଂ ଅତିରିକ୍ତ ସ୍ୱାସ୍ଥ୍ୟ ବିଶେଷଜ୍ଞ ନିୟୋଜିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସହାୟତା ପାଇଁ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ । ଏଥିପାଇଁ ଦୁଇଟି ସହାୟତା ନମ୍ବର ଜାରି କରାଯାଇଥିବା ସୂଚନା ମିଳିଛି ।

---

## ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଆଜି ଦ୍ୱିତୀୟ ଭୋଗ ମଣ୍ଡପ ନୀତି  ଶେଷ ହେବା ପରେ ଶ୍ରୀଜୀଉମାନଙ୍କର ଶ୍ରୀମୁଖ ଶୃଙ୍ଗାର ତଥା ବନକଲାଗି ନୀତି ଅନୁଷ୍ଠିତ ହେବ। ଗତକାଲି ଅନବସରର ତ୍ରୟୋଦଶୀ ତିଥିରେ ଘଣାଲାଗି ନୀତି ଅନୁଷ୍ଠିତ ହୋଇଯାଇଛି  ।

## ଫି

ରାଜ୍ୟରେ ବିଭିନ୍ନ ପ୍ରବେଶିକା ପରୀକ୍ଷା ପାଇଁ ଆଦାୟ କରାଯାଉଥିବା ଦେୟ ଫେରସ୍ତ କରିବା ଲାଗି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଓପିଏସ୍‌ସି, ଓଏସ୍‌ଏସ୍‌ସି ଏବଂ ଓଏସ୍‌ଏସ୍‌ଏସ୍‌ସିକୁ ଅବଗତ କରାଯାଇଛି । ଯେଉଁମାନେ ପରୀକ୍ଷାରେ ଭାଗନେବେ କେବଳ ସେମାନଙ୍କୁ ଦେୟ ଫେରସ୍ତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ।

## ନାମଲେଖା

ସ୍ନାତକୋତ୍ତର ଶ୍ରେଣୀରେ ନାମଲେଖାଇବା ପାଇଁ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇଛି । ଏହି ପର୍ଯ୍ୟାୟରେ ୭ ହଜାର ୫୨୯ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଆଜିଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ୨୦ଟି ବିଶ୍ୱବିଦ୍ୟାଳୟ ଓ ୧୦୧ଟି ମହାବିଦ୍ୟାଳୟରେ ନାମ ଲେଖାଇ ପାରିବେ ।

## ଝାଡ଼ାବାନ୍ତି ସ୍ଥିତି

ଭଦ୍ରକ ଜିଲ୍ଲାରେ ଝାଡ଼ାବାନ୍ତି ସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ବିଭିନ୍ନ ଡାକ୍ତରଖାନାରୁ ଚିକିତ୍ସିତ ହୋଇ ୬୮ ଜଣ ସୁସ୍ଥ ହୋଇଛନ୍ତି । ତେବେ ବର୍ତ୍ତମାନ ୫୫ ଜଣ ଚିକିତ୍ସାଧୀନ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଧୀରରଂଜନ ନାୟକ ସୂଚନା ଦେଇଛନ୍ତି । ରାଜ୍ୟ ଜନସ୍ୱାସ୍ଥ୍ୟ

ବିଭାଗ ପ୍ରତିନିଧି ଡାକ୍ତର ମଦନମୋହନ ପ୍ରଧାନ ଜିଲ୍ଲାରେ ଝାଡ଼ାବାନ୍ତି ସ୍ଥିତି ଅନୁଧ୍ୟାନ କରିଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ଓଆର୍ଏସ୍ ଓ ହାଲୋଜେନ୍ ବଟିକା ବଣ୍ଟନ କରାଯାଇଛି ।

# ବିଧାନସଭା ଗୃହକମିଟି

ବିଧାନସଭା ଗୃହକମିଟି ବୌଦ୍ଧ ବ୍ଲକର ଖୁଣ୍ଟବନ୍ଧ ମାର୍କେଟ ୟାର୍ଡ, ମୁର୍ଶୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସରଣ୍ଡା ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିଛନ୍ତି । ବିଧାୟକ ଲକ୍ଷ୍ମଣ ବାଗଙ୍କ ଅଧକ୍ଷତାରେ ଗଠିତ ଗୃହ କମିଟି ସଦସ୍ୟମାନେ ଚାଷୀମାନଙ୍କ ସହ ଆଲୋଚନା କରି ଶୀଘ୍ର ଧାନ କ୍ରୟ ଲାଗି ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

# ଶ୍ରମିକ କଲ୍ୟାଣ ବୋର୍ଡ ବୈଠକ

ଓଡ଼ିଶା ଶ୍ରମିକ କଲ୍ୟାଣ ବୋର୍ଡର ତୃତୀୟ ବୈଠକ ଭୁବନେଶ୍ୱର ଖାରବେଳ ନଗରସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଶ୍ରମିକମାନଙ୍କ ସମସ୍ୟା ବୁଝିବା ସହ ତ୍ୱରିତ ସମାଧାନ ପାଇଁ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## କୃଷି କାର୍ଯ୍ୟକ୍ରମ

ନୂଆପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ ଓ ଜଳବାୟୁ ସହନଶୀଳ କୃଷି କାର୍ଯ୍ୟକ୍ରମର ଏକ

ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲ୍ଲା କୃଷି ବିଭାଗ ଅଧିକାରୀମାନେ ଯୋଗ ଦେଇଥିଲେ। କୃଷି ଉତ୍ପାଦନରେ ଜଳବାୟୁ ପରିବର୍ତ୍ତନର ଯେପରି ପ୍ରଭାବ ନ ପଡ଼ିବ, ତାହା ଉପରେ ଆଲୋଚନା କରାଯାଇଥିଲା।

## ପାଣିପାଗ

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟରେ ସକ୍ରିୟ ଥିବାରୁ ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି । ସେହିଭଳି ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ  ସମସ୍ତ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି।

.....................................................................